# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**19 November - 2024**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା' ଭାରତର ଅଭିବୃଦ୍ଧିର ନେତୃତ୍ୱ ନେବାକୁ ପ୍ରସ୍ତୁତ ଅଛି; କହିଲେ ମୁଖ୍ୟମନ୍ତ୍ରୀ

– ସିଙ୍ଗାପୁର ରୋଡ୍ ଶୋ'ରେ ଓଡ଼ିଶାର ଉତ୍କୃଷ୍ଟ ଭିତ୍ତିଭୂମି ପ୍ରଦର୍ଶିତ

- ରାଜ୍ୟରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଧାନକିଣା ପ୍ରକ୍ରିୟା
- ଦେବଗଡ଼ ଏବଂ ସମ୍ବଲପୁର ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଆଇସିୟୁ ଶଯ୍ୟା ସଂଖ୍ୟା ୪୦କୁ ବୃଦ୍ଧି ହେବା ନେଇ ରୋଗୀ କଲ୍ୟାଣ ସମିତି ବୈଠକରେ ନିଷ୍ପତ୍ତି

ଏବଂ

- ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା

# ମୁଖ୍ୟମନ୍ତ୍ରୀ– ସିଙ୍ଗାପୁର ରୋଡ୍ ଶୋ’

ସିଙ୍ଗାପୁର ଗସ୍ତର ତୃତୀୟ ଦିନରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରୋଡ୍ ଶୋ’ରେ ଭାଗ ନେଇଛନ୍ତି।  ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ସମୃଦ୍ଧ ସମ୍ବଳ, ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ କୁଶଳୀ ଶ୍ରମଶକ୍ତି ଯୋଗୁଁ ଓଡ଼ିଶା ଭାରତର ଅଭିବୃଦ୍ଧିର ନେତୃତ୍ୱ ନେବାକୁ ପ୍ରସ୍ତୁତ ଅଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ଆସନ୍ତା ଜାନୁଆରୀ ମାସରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ଭାଗ ନେବା ପାଇଁ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରିଛନ୍ତି।

ରୋଡ୍ ଶୋ’ରେ ଓଡ଼ିଶାରେ ବିପୁଳ ପୁଞ୍ଜିନିବେଶର ସମ୍ଭାବନା ଏବଂ ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ଓଡ଼ିଶାର ପ୍ରସ୍ତୁତି ପ୍ରଦର୍ଶିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ପ୍ରତିନିଧି ଦଳ ସିଙ୍ଗାପୁରର ବରିଷ୍ଠ ସରକାରୀ ଅଧିକାରୀ ଏବଂ ପୁଞ୍ଜିପତିଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ସିଙ୍ଗାପୁରର ପରିବହନ ମନ୍ତ୍ରୀ ଚି ହୋଙ୍ଗ୍ ଟାଟ୍‌ଙ୍କ ସହ ସାକ୍ଷାତ କରି ମୁଖ୍ୟମନ୍ତ୍ରୀ ସିଙ୍ଗାପୁରର ସହଭାଗିତାରେ ଓଡ଼ିଶାରେ ପରିବହନ ବିକାଶ, ଡିଜିଟାଲ ମାଲ୍ ପରିବହନ ପରିଚାଳନା ଏବଂ ସମନ୍ୱିତ ବହୁମୁଖୀ ଭିତ୍ତିଭୂମିର ବିକାଶ ନେଇ ଆଲୋଚନା ହୋଇଥିଲା। ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ରୋଡ୍ ଶୋ’ରେ ଶିଳ୍ପପତି, ନିବେଶକ, ପ୍ରବାସୀ ଓଡ଼ିଆମାନେ ଯୋଗ ଦେଇଥିଲେ।

***BBSR/R***

## ଧାନ କିଣା ପ୍ରକ୍ରିୟା ଆରମ୍ଭ

ରାଜ୍ୟରେ ଆସନ୍ତାକାଲିଠାରୁ ଖରିଫ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ। ଏ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଆସନ୍ତାକାଲିଠାରୁ ବରଗଡ଼ ଏବଂ ଗୁରୁବାରଠାରୁ ସମ୍ବଲପୁରରେ ଧାନକିଣା ଆରମ୍ଭ ହେବ। ଧାନକିଣା ଆରମ୍ଭରୁ ବିକ୍ରି ପର୍ଯ୍ୟନ୍ତ ମଣ୍ଡିରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବେ। କଟନୀ ଛଟନୀ ସହ ଚାଷୀଙ୍କୁ ଧାନର ଉପଯୁକ୍ତ ମୂଲ୍ୟ ବ୍ୟବସ୍ଥାର ଅଧିକାରୀମାନେ ତଦାରଖ କରିବେ। ଚାରିରୁ ପାଞ୍ଚଟି ମଣ୍ଡିକୁ ନେଇ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ରାଜ୍ୟ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧ ଶହ ଟଙ୍କା କରିଛନ୍ତି। ଚାଷୀମାନଙ୍କୁ ସବ୍‌ସିଡି ଦେବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

***Deogarh***

## ବରଗଡ଼- ଉନ୍ନୟନ ପ୍ରକଳ୍ପ

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେବଗଡ଼ ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ଆଗାମୀ ଦିନରେ ଦେବଗଡ଼କୁ କୃଷି ଆଧାରିତ ଅର୍ଥନୀତି ଜିଲ୍ଲାରେ ପରିଣତ କରାଯିବ। ପର୍ଯ୍ୟଟନ, କ୍ରୀଡ଼ାକ୍ଷେତ୍ର ସହ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ପଦକ୍ଷେପ ନିଆଯିବ। କେନ୍ଦ୍ର ମନ୍ତ୍ରୀ ଧୋବଲିପଥର ଠାରେ ଦୁଗ୍ଧ ଶୀତଳିକରଣ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଏହା ଦ୍ୱାରା ଦୈନିକ ୧୦ହଜାର ଲିଟର ଦୁଗ୍ଧ ଉତ୍ପାଦନ ସଂଗୃହୀତ

ହୋଇପାରିବ । ଏହାସହ ୪୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ସଡ଼କ ଓ ଅନ୍ୟାନ୍ୟ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

***PR***

## ଧର୍ମେନ୍ଦ୍ର ପ୍ରଧାନ– ଡାଏଲିସିସ୍ ଶୁଭାରମ୍ଭ

ସମ୍ବଲପୁର ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଆଜି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଃଶୁଳ୍କ ଡାଏଲିସିସ୍ ସେବାର ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ସରକାରୀ ବ୍ୟବସ୍ଥାରେ ଡାଏଲିସିସ୍ କେନ୍ଦ୍ର ଖୋଲାଯିବା ସହ ମାଗଣାରେ ଏହି ଚିକିତ୍ସା ଯୋଗାଇ ଦିଆଯାଉଛି । ଆଜିର ପଦକ୍ଷେପ ଦ୍ୱାରା ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ପ୍ରାୟ ୪ ଲକ୍ଷ ଲୋକ ଉପକୃତ ହେବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

***I&PR***

## ଆବାସ ଆବଣ୍ଟନପତ୍ର

ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱରଠାରେ ବସ୍ତିବାସିନ୍ଦାଙ୍କ ପାଇଁ ସୁଲଭ ଆବାସ ପ୍ରକଳ୍ପ ହିତାଧିକାରୀଙ୍କୁ ଆବଣ୍ଟନପତ୍ର ପ୍ରଦାନ କରିଛନ୍ତି । ସମୁଦାୟ ୧୧୬ ଜଣ ହିତାଧିକାରୀଙ୍କୁ ପତ୍ର ଦିଆଯାଇଥିଲା ।

*BBSR/R*

## ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀ

ଭୁବନେଶ୍ୱରରେ ପ୍ରଥମଥର ପାଇଁ ଆସନ୍ତା ୨୯ରୁ ୧ ତାରିଖ ପର୍ଯ୍ୟନ୍ତ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଯୋଗଦେବେ ବୋଲି ବିଜେପିର ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ରାଜ୍ୟଗୁଡ଼ିକର ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯିବ।

*BBSR/R*

## ସର୍ବଦଳୀୟ ବୈଠକ

ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ୨୫ ତାରିଖରେ ସର୍ବଦଳୀୟ ବୈଠକ ବାଚସ୍ପତି  ସୁରମା ପାଢ଼ିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଆସନ୍ତା ଅଧିବେଶନର ସୁପରିଚାଳନା ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯିବା ସହ ବାଚସ୍ପତି ସମସ୍ତଙ୍କର ମତାମତ ଓ ସହଯୋଗ ନେବେ। ନଭେମ୍ବର ୨୬ରୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଅଧିବେଶନ ଚାଲିବା ନେଇ ସ୍ଥିର କରାଯାଇଛି।

*Desk*

## କ୍ୟାପିଟାଲ ହସ୍ପିଟାଲ-ଆଇସିୟୁ

ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲର ଆଇ.ସି.ୟୁ. ଶଯ୍ୟା ସଂଖ୍ୟା ୪୦କୁ ବୃଦ୍ଧି କରାଯିବ। ଏବେ ହସ୍ପିଟାଲରେ ୧୬ଟି ଆଇସିୟୁ ଶଯ୍ୟା ଥିବାବେଳେ ଆଉ ୨୪ଟି ନୂଆ ଆଇସିୟୁ ଶଯ୍ୟା ସାମିଲ କରାଯିବାକୁ ରୋଗୀ କଲ୍ୟାଣ ସମିତି ବୈଠକରେ ନିଷ୍ପତ୍ତି ହୋଇଥିବା ନେଇ ସମିତିର ଅଧ୍ୟକ୍ଷା ତଥା ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଆଜି ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଛଅଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ସୂଚନା ଦେଇ  ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି, ପ୍ରତିମାସରେ ହସ୍ପିଟାଲକୁ ୧ ହଜାର ୪୩୨ଟି ଡାଏଲିସିସ୍ ମାମଲା ଆସୁଛି। ଏବେ ଦୈନିକ ୩ଟି ସିଟିଂରେ ଡାଏଲିସିସ୍ କରାଯାଉଛି। ନୂଆ ଆଇସିୟୁ ଶଯ୍ୟା ସାମିଲ ପରେ ଦୈନିକ ୪ଟି ସିଟିଂରେ ଡାଏଲିସିସ୍ କରାଯିବ। ସେହିପରି ହସ୍ପିଟାଲ ପରିସରରେ ଥିବା ମିଶନ ଶକ୍ତି କାଫେକୁ ଆସନ୍ତା ଡିସେମ୍ବର ୩୧ ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ କରାଯାଇ ଏସ୍.ଏସ୍.ଜି. ମହିଳାଙ୍କୁ ହସ୍ତାନ୍ତର କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

*HS*

## ଶ୍ରୀମନ୍ଦିର- ଜମି ବିବାଦ

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୁରୀ ମାଟିତୋଟା ମୌଜା ଜମି ବିବାଦର ତଦନ୍ତ ଆରମ୍ଭ ହୋଇଛି। ଏ ସମ୍ପର୍କରେ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ମାଟିତୋଟା ମୌଜାରେ ଥିବା ଶ୍ରୀଜଗନ୍ନାଥଙ୍କ ଜମିରେ

ଜବରଦଖଲ କିମ୍ବା କୋଠା ନିର୍ମାଣ ହୋଇଥିଲେ ତାହାକୁ ଉଚ୍ଛେଦ କରାଯିବ। କେଉଁମାନେ ଜମି କିଣିଛନ୍ତି ଏବଂ କେଉଁମାନେ ଘର କରିଛନ୍ତି, ତାହାର ତଦନ୍ତ କରାଯାଉଛି ବୋଲି ଜିଲ୍ଲାପାଳ କହିଛନ୍ତି।

***Sambalpur/DHNKL/I&PR/PIB***

## ବିଶ୍ୱ ଶୌଚାଳୟ ଦିବସ

ଜନସାଧାରଣଙ୍କ ମଧ୍ୟରେ ପରିମଳ ତଥା ଶୌଚାଳୟର ବ୍ୟବହାର ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଉଛି। ୨୦୧୩ ମସିହାରେ ବିଶ୍ୱ ଶୌଚାଳୟ ଦିବସ ପାଳନ ନେଇ ମିଳିତ ଜାତିସଂଘ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା। ସେବେଠାରୁ ପ୍ରତି ବର୍ଷ ନଭେମ୍ବର ୧୯ ତାରିଖକୁ ବିଶ୍ୱ ଶୌଚାଳୟ ଦିବସ ଭାବେ ପାଳନ କରାଯାଉଛି।

ଏହି ପରିପ୍ରେକ୍ଷୀରେ ଆଜି ପାନୀୟ ଜଳ ଏବଂ ପରିମଳ ବିଭାଗ ପକ୍ଷରୁ ଦେଶବ୍ୟାପୀ 'ଆମ ଶୌଚାଳୟ, ଆମ ସମ୍ମାନ' ଅଭିଯାନ ଆରମ୍ଭ ହୋଇଛି। ଏହା ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଅଭିଯାନ ମାଧ୍ୟମରେ ଲୋକଙ୍କ ମଧ୍ୟରେ ଶୌଚାଳୟର ବ୍ୟବହାର ନେଇ ସଚେତନତା ସୃଷ୍ଟି କରିବା ସହ ପରିମଳର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଯିବ।

ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନରେ ଆଜି ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଛି। ଏଥିରେ

ହିତାଧିକାରୀମାନଙ୍କୁ ବ୍ୟକ୍ତିଗତ ଘରୋଇ ଶୌଚାଳୟ ନିର୍ମାଣ ପାଇଁ ଅନୁମତିପତ୍ର ପ୍ରଦାନ କରାଯାଇଥିଲା। ଏହା ସହ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ମାଲକାନଗିରି, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲ୍ଲାକୁ ପୁରସ୍କୃତ କରାଯାଇଥିଲା।

ଢେଙ୍କାନାଳ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଶୌଚାଳୟ ଦିବସ ପାଳନ ଉପଲକ୍ଷେ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ଥିବା ପ୍ରତ୍ୟେକ ବ୍ୟକ୍ତିଗତ ଶୌଚାଳୟ, ଗୋଷ୍ଠିଗତ ଶୌଚାଳୟ ସର୍ଭେ କରାଯାଇ ଶ୍ରେଷ୍ଠ ଏବଂ ସୁନ୍ଦର ଶୌଚାଳୟକୁ ପୁରସ୍କୃତ କରାଯିବା ସହ କର୍ମଠ ସଫେଇ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ହୋଇଛି।

ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଶ୍ୱ ଶୌଚାଳୟ ଦିବସ ଅଭିଯାନର ଶୁଭାରମ୍ଭ ହୋଇଛି। ଏଥିରେ ଶୌଚାଳୟର ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

***Kendrapara/Sonepur/Rayagada***

## ଧାନସଂଗ୍ରହ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଧାନ ସଂଗ୍ରହ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ରାୟଗଡ଼ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ବୈଠକ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଆସନ୍ତା ୧୭ ତାରିଖରୁ ଜିଲ୍ଲାରେ ଧାନକିଣା ପାଇଁ ମଣ୍ଡି ଆରମ୍ଭ ହେବାକୁ ସ୍ଥିର ହୋଇଥିବା ବେଳେ ୪୩ଟି କ୍ରୟ କେନ୍ଦ୍ରରେ ଧାନ କିଣିବାକୁ ସ୍ଥିର ହୋଇଛି। ଜିଲ୍ଲାରେ ମୋଟ୍ ୨୧ ହଜାର ୧୪୬ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି।

ସୁବର୍ଣ୍ଣପୁର ଜିଲ୍ଲାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଅନନ୍ୟା ଦାସ ଚାଷୀମାନଙ୍କୁ ସବ୍‌ସିଡି ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜିଲ୍ଲାର ବିନିକା, ଡୁଙ୍ଗୁରିପାଲି, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକରେ ଆସନ୍ତା ମାସ ୧୦ ତାରିଖରୁ ଧାନକିଣା ଆରମ୍ଭ ହେବ। ଜିଲ୍ଲାରେ ଧାନ ବିକ୍ରୟ ପାଇଁ ୬୮ ହଜାର ୮୨୪ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି।

ସେହିଭଳି କେନ୍ଦ୍ରାପଡ଼ାରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୦ ତାରିଖରୁ ଜିଲ୍ଲାର ୧୧୮ଟି ମଣ୍ଡିରେ ଧାନକ୍ରୟ ପାଇଁ ନିଷ୍ପତ୍ତି ହୋଇଛି। ଧାନ ବିକ୍ରୟ ପାଇଁ ୪୪ ହଜାର ୧୬ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି।

*Nayagarh*

## ନିର୍ମାଣ ଶ୍ରମିକଙ୍କୁ ସହାୟତା

ନୟାଗଡ଼ ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କ ପାଇଁ ଦ୍ୱିପାକ୍ଷିକ ସହାୟତା ବର୍ଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୭୫ ଜଣ ଆବେଦନକାରୀଙ୍କୁ ମୋଟ୍ ୬୮ ଲକ୍ଷ ୬୩ ହଜାର ୮୦୦ ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା।

*Boudh*

## ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

ବୌଦ୍ଧ କଚେରୀ ପଡ଼ିଆଠାରେ ଦୁଇଦିନିଆ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ ହୋଇଛି । ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡକ୍ଟର ରାମାରାଓ ପାଲୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ ।

*Desk/Puri*

## ସମବାୟ ସପ୍ତାହ

ପୁରୀ ଜିଲ୍ଲା ଟାଉନ୍‌ହଲ୍‌ଠାରେ ସମବାୟ ସପ୍ତାହ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ସମବାୟ ଆନ୍ଦୋଳନକୁ ଆହୁରି କ୍ରିୟାଶୀଳ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

ଅନୁଗୁଳଠାରେ ଜିଲ୍ଲାସ୍ତରୀୟ ସମବାୟ ମହୋତ୍ସବ ପାଳିତ ହୋଇଛି । ସ୍ଥାନୀୟ ସଭାଗୃହଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

*BBSR/R*

## ଲଘୁଚାପ

ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ପାଣିପାଗ କେନ୍ଦ୍ର କହିଛି, ଆସନ୍ତା ୨୧ ତାରିଖ ସୁଦ୍ଧା ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ୨୩ ତାରିଖ ବେଳକୁ ଲଘୁଚାପର ରୂପ ନେଇପାରେ । ଏହାପରେ

ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଏହା ଅବପାତ ରୂପ ନେବାର ସମ୍ଭାବନା ରହିଛି।

ଅପରପକ୍ଷେ, ଆଜି ରାତିରେ ଝାରସୁଗୁଡ଼ା, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ କୁହୁଡି ହେବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର କହିଛି।